**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**ସି ଆର୍ ଏଲ୍ ଏମ୍ ସି ସଂଖ୍ୟା 4314/2023**

***(ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 482 ଅଧୀନରେ ଏକ ଆବେଦନ)***

----------

*ଜେ. ଶ୍ରୀନିବାସ କୁମାର ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

ଶ୍ରୀଯୁକ୍ତ ଏମ୍.କେ. ମହାନ୍ତି, ଅଧିବକ୍ତା

*- ବନାମ -*

*ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ* .... *ପ୍ରତିପକ୍ଷମାନେ*

ଶ୍ରୀଯୁକ୍ତ ବି. କେ. ରାଗଡ,ଏଜିଏ

ସୁଶ୍ରୀ ପି. ନାଇଡୁ, ଅଧିବକ୍ତା (ପ୍ରତିପକ୍ଷ ସଂଖ୍ୟା 2ଙ୍କ ପାଇଁ)

**ପୀଠାସୀନ :**

**ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀ ଚିତ୍ତରଞ୍ଜନ ଦାଶ**

---

**ରାୟ ତାରିଖ : 09.01.2024**

---

1. ଆବେଦନକାରୀ ଏବଂ ରାଜ୍ୟ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

2. ବର୍ତ୍ତମାନର ଆବେଦନ ମାଧ୍ୟମରେ, ଆବେଦନକାରୀ ଜି.ଆର୍.ମାମଲା ସଂଖ୍ୟା 697/2011 ରେ ବିଜ୍ଞ ଏସ୍.ଡି.ଜେ.ଏମ୍, ବ୍ରହ୍ମପୁରଙ୍କର ନଥିରେ ଥିବା କାର୍ଯ୍ୟାନୁଷ୍ଠାନ ସହିତ ବିଜ୍ଞ ଏସ୍.ଡି.ଜେ.ଏମ୍, ବ୍ରହ୍ମପୁରଙ୍କ ଦ୍ୱାରା ଜି.ଆର୍.ମାମଲା ସଂଖ୍ୟା 697/2011ରେ ପାରିତ ତା 10.07.2014 ରିଖର ଆଦେଶକୁ ନାକଚ କରିବା ପାଇଁ ଏହି ନ୍ୟାୟାଳୟଙ୍କର ଅନୁଗ୍ରହ ଲୋଡ଼ିଛନ୍ତି ।

3. ମାମଲାର ପୃଷ୍ଠଭୂମି ତଥ୍ୟ ହେଉଛି ଯେ, ପ୍ରତିପକ୍ଷ ସଂଖ୍ୟା 2 ICC ସଂଖ୍ୟା 83/2011 ଆଧାରରେ ବର୍ତ୍ତମାନର ଆବେଦନକାରୀଙ୍କ ବିରୋଧରେ ଏସ୍ ଡି ଜେ ଏମ୍, ବ୍ରହ୍ମପୁରଙ୍କ ନ୍ୟାୟାଳୟରେ ଅଭିଯୋଗ ମାମଲା ଦାଖଲ କରିଥିଲେ, ଯେଉଁଥିରେ ଅଭିଯୋଗ ହୋଇଛି ଯେ, ସେ ଆବେଦନକାରୀ ସଂଖ୍ୟା 1ଙ୍କୁ, ଯିଏକି ବିଶାଖାପାଟଣାର ଜଣେ ଜେ.ସାରେଶ୍ୱର ରାଓ ଏବଂ ଜେ. କ୍ରୀଷ୍ଣା ବେନୀଙ୍କ ପୁଅ, ପରିବାର ସଦସ୍ୟଙ୍କ ଉପସ୍ଥିତିରେ ହିନ୍ଦୁ ବୈଦିକ ଅଧିକାର ଏବଂ ରୀତିନୀତି ଅନୁଯାୟୀ



HIGH COURT ORISSA

ତା 30.09.2009 ରିଖରେ ବିବାହ କରିଥିଲେ । ବିବାହ ସମୟରେ ପ୍ରତିପକ୍ଷ ସଂଖ୍ୟା 2ଙ୍କ ବାପା ଟ. 5,00,000/- ଯୌତୁକ ବାବଦକୁ ପ୍ରଦାନ କରିଥିଲେ ଏବଂ ଏହା ବ୍ୟତୀତ 15 ତୋଳା ସୁନା ଏବଂ ଏକ କିଲୋଗ୍ରାମରୁ ଅଧିକ ରୂପା ଅଳଙ୍କାରମାନ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ମଧ୍ୟ ଦେଇଥିଲେ । ବିବାହର ଏକ ମାସ ପରେ ଶାଶୁ ଏବଂ ନଣନ୍ଦ  ଅଧିକ ଯୌତୁକ ଦାବି କରି ପ୍ରତିପକ୍ଷ ସଂଖ୍ୟା 2ଙ୍କୁ ନିର୍ଯ୍ୟାତନା ଦେଇଥିଲେ । ବିବାହ ପରେ,  01.12.2009 ତାରିଖରେ ପ୍ରଥମ ଥର ପାଇଁ ପ୍ରତିପକ୍ଷ ସଂଖ୍ୟା 1, ବ୍ରହ୍ମପୁରରେ ଥିବା ତାଙ୍କ ପିତାମାତାଙ୍କ ଘରକୁ ଆସିଥିଲେ ଏବଂ ପ୍ରତିପକ୍ଷ ସଂଖ୍ୟା 2ଙ୍କୁ ଶ୍ୱଶୁର ଘର ଲୋକ ଅତିରିକ୍ତ ରାଶି 15,00,000/- ଟଙ୍କା ଯୌତୁକ ବାବଦକୁ ଆଣିବାପାଇଁ କହିଥିଲେ । ଶାଶୁ, ଦୁଇ ନଣନ୍ଦ ଏବଂ ଦ୍ୱିତୀୟ ନଣନ୍ଦଙ୍କ ସ୍ୱାମୀ ପ୍ରତିପକ୍ଷ ସଂଖ୍ୟା 2ଙ୍କ ପିତାଙ୍କୁ ପ୍ରବର୍ତ୍ତାଇ ଥିଲେ ଯେ, ପ୍ରତିପକ୍ଷ ସଂଖ୍ୟା 2 ଙ୍କ ନାମରେ ବର୍ତ୍ତମାନର ଆବେଦନକାରୀଙ୍କ ଘର ନିକଟରେ ଏକ ଘର କିଣିବା ପାଇଁ  ଟଙ୍କା 15,00,000/- ଅତିରିକ୍ତ ଯୌତୁକ ବାଦକୁ ଖର୍ଚ୍ଚ ରାଶି ଦେବା ପାଇଁ କହିଥିଲେ । ତେବେ, ପ୍ରତିପକ୍ଷ ସଂଖ୍ୟା 2ଙ୍କ ପିତା 15,00,000/- ଟଙ୍କା  ଦେବାର ଦାବି ପୂରଣ  କରିପାରି ନ ଥିଲେ । ପ୍ରତିପକ୍ଷ ସଂଖ୍ୟା 2 ତା 23.01.2010 ରିଖରେ  ବିଶାଖାପାଟଣା ଯାଇଥିଲେ ଏବଂ ତା'ପରେ ସେମାନେ ପୁଣି ଥରେ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ । ବିଶାଖାପାଟଣାରେ ରହିବା ସମୟରେ ତା 09.03.2010 ରିଖରେ ଏହା ଦେଖିବାକୁ ମିଳିଥିଲା ଯେ, ପ୍ରତିପକ୍ଷ ସଂଖ୍ୟା 2 ଗର୍ଭବତୀ ହୋଇଥିଲେ । ଯେହେତୁ ତାଙ୍କ ସ୍ୱାମୀ ଗର୍ଭପାତ ପାଇଁ ବାଧ୍ୟ କରିଥିଲେ ଏବଂ ପ୍ରତିପକ୍ଷ ସଂଖ୍ୟା 2 ଏଥିପାଇଁ ରାଜି ହୋଇନଥିବାରୁ, ତାଙ୍କ ସ୍ୱାମୀ ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ ଏବଂ ତାଙ୍କୁ ଗଳା ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଉକ୍ତ ତଥ୍ୟଟି ପ୍ରତିପକ୍ଷ ସଂଖ୍ୟା 2 ଙ୍କ ଦ୍ୱାରା ତାଙ୍କ ପିତାଙ୍କୁ  ସୂଚିତ କରାଯାଇଥିଲା ।  ସେ ଯାହାହେଉ ଶାଶୁଘର ଲୋକଙ୍କ ଖରାପ ବ୍ୟବହାର ପାଇଁ,  ପ୍ରତିପକ୍ଷ ପତ୍ନୀ ତା 12.04.2011 ରିଖରେ ମହିଳା ଥାନା ବ୍ରହ୍ମପୁରଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲେ, କିନ୍ତୁ ଉକ୍ତ ମାମଲା ପଞ୍ଜିକୃତ ହୋଇନଥିଲା ଯେଉଁଥିପାଇଁ ସେ ବିଜ୍ଞ ଏସ୍ ଡି ଜେ ଏମ୍, ବ୍ରହ୍ମପୁରଙ୍କ ନ୍ୟାୟାଳୟରେ ଅଭିଯୋଗ ଆବେଦନ ଦାଖଲ କରିଥିଲେ, ଯାହା ICC ସଂଖ୍ୟା 83/2011 ଭାବରେ ପଞ୍ଜୀକୃତ ହୋଇଥିଲା ।

4. ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ନିବେଦନ କରାଯାଇଥିଲା ଯେ, ଅଭିଯୋଗ ଆବେଦନ କେବଳ ଏକ ଯାଞ୍ଚ ସହିତ ସଂଲଗ୍ନ ହୋଇଛି ଏବଂ ଏହା କୌଣସି ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇନାହିଁ, କିନ୍ତୁ  ବିଜ୍ଞ ଏସ୍ ଡି ଜେ ଏମ୍, ବ୍ରହ୍ମପୁର ଗୋସାଣିନୁଆଗାଁ ଥାନାର ଓଆଇସିଙ୍କୁ ସି ଆର୍ ପି ସି  ର ଧାରା 156(3)ଅଧୀନରେ ଏହି ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ

ଏବଂ ଉକ୍ତ ନିର୍ଦ୍ଦେଶ ଆଧାରରେ ସମ୍ପୃକ୍ତ ଥାନା, ଗୋସାଣିନୁଆଗାଁ ପି.ଏସ୍ ମାମଲା ସଂଖ୍ୟା 59(13)/2011 ମାଧ୍ୟମରେ ଏଫ୍ଆଇଆର୍ ପଞ୍ଜୀକୃତ କରିଥିଲେ, ଯାହା ଏସ୍ ଡି ଜେ ଏମ୍ ବ୍ରହ୍ମପୁରର ନଥିରେ ଥିବା ଜି ଆର୍ ମାମଲା ସଂଖ୍ୟା 697/2011 ସହିତ ସଂମ୍ପୃକ୍ତ । ଏହା ମଧ୍ୟ ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା ଯେ, ଏହି ସମୟରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିଲା ଏବଂ ଏହାର ସଂଜ୍ଞାନ ଗ୍ରହଣ କରାଯାଇଥିଲା । ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଉପସ୍ଥାପନା କରାଯାଇଥିଲା ଯେ, ଜିଆର୍ ମାମଲା ସଂଖ୍ୟା 697/2011 ରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ତଥା ସଂଲଗ୍ନକ-3 ଅନୁଯାୟୀ ସଂଜ୍ଞାନର ଆଦେଶ ଆଇନର ଅନୁରୂପତା ନୁହେଁ ଏବଂ ଏହା ନାକଚ ହେବା ଯୋଗ୍ୟ ଅଟେ ।

5. ସର୍ବୋଚ୍ଚ ନ୍ୟାୟାଳୟ ***(2015) 6 ସର୍ବୋଚ୍ଚ ନ୍ୟାୟାଳୟ ମାମଲାଗୁଡ଼ିକ 287ରେ ବିବୃତ ହୋଇଥିବା , ପ୍ରିୟଙ୍କା ଶ୍ରୀବାସ୍ତବ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*** ମାମଲାର ପ୍ରସଙ୍ଗରେ, ନିମ୍ନଲିଖିତ ଭାବରେ ଦର୍ଶାଇଛନ୍ତି :

XXX XXX XXX

> ଏହି ଦେଶରେ ଏପରି ଏକ ପର୍ଯ୍ୟାୟ ଆସିଛି, ଯେଉଁଠାରେ 156(3) ସି ଆର୍ ପି ସି ଆବେଦନକୁ ସମ୍ପୃକ୍ତ ବ୍ୟବସ୍ଥା ଅଧୀନରେ ଦଣ୍ଡାଧିକାରୀଙ୍କ ଅଧିକାର କ୍ଷେତ୍ରକୁ ଆହ୍ୱାନ କରିବାକୁ ଚାହୁଁଥିବା ଆବେଦନକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ସତ୍ୟ ପାଠ ଦ୍ୱାରା ସମର୍ଥିତ ହେବା ଆବଶ୍ୟକ । ଏହି ସତ୍ୟ ପାଠ ଆବେଦନକାରୀଙ୍କୁ ଅଧିକ ଦାୟିତ୍ୱପୂର୍ଣ୍ଣ କରିପାରେ । ଏପରି କହିବା ବାଧ୍ୟତାମୂଳକ କାରଣ ଏହି ପ୍ରକାରର ଆବେଦନଗୁଡ଼ିକ କେବଳ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ହଇରାଣ କରିବା ପାଇଁ କୌଣସି ଦାୟିତ୍ୱ ନ ନେଇ ନିୟମିତ ଭାବରେ ଦାଖଲ କରାଯାଉଛି । ଏହା ବ୍ୟତୀତ, ସେତେବେଳେ ଏହା ଅଧିକ ବିରକ୍ତିକର ଏବଂ ବିପଦସୂଚକ ହୋଇଯାଏ ଯେତେବେଳେ ଜଣେ ଏକ ବୈଧାନିକ ବ୍ୟବସ୍ଥା ଅଧୀନରେ ଆଦେଶ ପାରିତ କରୁଥିବା ବ୍ୟକ୍ତିଙ୍କୁ ଉଠାଇବାକୁ ଚେଷ୍ଟା କରେ, ଯାହାକୁ ଉକ୍ତ ଅଧିନିୟମ ଆଧାରରେ କିମ୍ବା ଭାରତୀୟ ସମ୍ବିଧାନର ଧାରା 226 ଅନୁଯାୟୀ ଆପତ୍ତି କରାଯାଇ ପାରିବ । କିନ୍ତୁ ଏକ ଫୌଜଦାରୀ ନ୍ୟାୟାଳୟରେ ଅଯଥା ଲାଭ ଯେପରିକି କାହାଦ୍ୱାରା ହିସାବ ବରାବର କରିବା ପାଇଁ ଏହା କରାଯାଇପାରିବ ନାହିଁ । ସି ଆର୍ ପି ସିର ଧାରା 156 (3) ଅଧୀନରେ ଏକ ଆବେଦନକୁ ଏକ ସତ୍ୟ ପାଠ

ଦ୍ୱାରା ସମର୍ଥନ କରାଯିବା ପାଇଁ ନିର୍ଦ୍ଦେଶ ଦେବା ଦ୍ୱାରା ଆବେଦନ କରୁଥିବା ବ୍ୟକ୍ତି ସଚେତନ ହେବେ ଏବଂ ଏହା ମଧ୍ୟ ଦେଖିବାକୁ ଚେଷ୍ଟା କରିବା ଉଚିତ ଯେ କୌଣସି ମିଥ୍ୟା ସତ୍ୟ ପାଠ କରାଯାଇ ନାହିଁ । କାରଣ ଥରେ ସତ୍ୟ ପାଠ ମିଥ୍ୟା ବୋଲି ଜଣାପଡ଼ିଲେ, ସେ ଆଇନ ଅନୁଯାୟୀ ଅଭିଯୋଜନ ପାଇଁ ଦାୟୀ ହେବେ । ଏହା ତାଙ୍କୁ ସି ଆର୍ ପି ସି ର ଧାରା 156 (3)ଅନୁଯାୟୀ ଦଣ୍ଡାଧିକାରୀଙ୍କ ପ୍ରାଧିକାରିତାକୁ ସାମୟିକ ଭାବରେ ଆବାହାନ କରିବାକୁ ନିବୃତ କରିବ ।

6. ବିଜ୍ଞ ଅଧିବକ୍ତା, ***2023 (1) OLR-389 ରେ ବିବୃତ ହୋଇଥିବା ଅନିଲ କୁମାର ଅଗ୍ରୱାଲ ଓରଫ ମାଣ୍ଡୋଥିଆ ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟ ଜଣେ*** ମାମଲାର ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ, ଯେଉଁଥିରେ ଏହି ନ୍ୟାୟାଳୟ ନିମ୍ନମତେ ରାୟ ଦେଇଛନ୍ତି -

3. ଶ୍ରୀ ମୋହିତ ଅଗ୍ରୱାଲ, ଆବେଦନକାରୀଙ୍କ ପାଇଁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା, ପ୍ରିୟଙ୍କା ଶ୍ରୀବାସ୍ତବ ବନାମ ଉତ୍ତର ପ୍ରଦେଶ ରାଜ୍ୟ (2015) 6 SCC 287 ମାମଲାର ନିର୍ଣ୍ଣୟ ଉପରେ ନିର୍ଭର କରି ଅନୁରୋଧ କରିଛନ୍ତି ଯେ, ଅଭିଯୋଗ ଯଦିଓ ଏହାକୁ  ସି ଆର୍ ପି ସି ର ଧାରା 156 (3)  ଅନୁଯାୟୀ ଏକ ଆବେଦନ ଭାବରେ ବିବେଚନା କରାଯାଇ ପାରିବ, ତେବେ ମଧ୍ୟ ଏହା ଏକ ସତ୍ୟ ପାଠ ଦ୍ୱାରା ସମର୍ଥନ କରିବାକୁ ପଡ଼ିବ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଅନୁଯାୟୀ, ଏହା କ୍ଷମତାର ଅପବ୍ୟବହାରରୁ ଏକ ସୁରକ୍ଷାର ଉପାୟ ଅଟେ ।

4. ସୂଚନା ଜାରି କରାଯିବା ସତ୍ତ୍ୱେ, ପ୍ରତିପକ୍ଷ ସଂଖ୍ୟା 2 ତରଫରୁ କେହି ହାଜର ହୋଇନଥିଲେ ।

5. ବାସ୍ତବରେ, ଏହା ଦେଖିବାକୁ ମିଳିଛି ଯେ, ପ୍ରତିପକ୍ଷ ସଂଖ୍ୟା 2 ଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗକୁ ସତ୍ୟପାଠ ଦ୍ୱାରା ସମର୍ଥନ କରାଯାଇ ନାହିଁ ବୋଲି ଆବେଦନରେ ସତ୍ୟକଥନର କୌଣସି ପ୍ରତ୍ୟାଖ୍ୟାନ ନାହିଁ । ବାସ୍ତବରେ, ସି ଆର୍ ପି ସି ର  ଧାରା 156 (3)  ଅନୁଯାୟୀ ଏହାକୁ ଏକ ଆବେଦନ ଭାବରେ ବିବେଚନା କରିବା ପାଇଁ କୌଣସି ଅନୁରୋଧ ନଥିଲା । ତେଣୁ, ଅଭିଯୋଗକୁ ସୂଚିତ କରୁଥିବା ଅନୁଗୁଳ ଏସ୍ ଡି ଜେ ଏମ୍ ଙ୍କ ତା 31 ଅକ୍ଟୋବର, 2016 ରିଖର

ଆଦେଶରେ, ସି ଆର୍ ପି ସି ର ଧାରା 156 (3) ଅନୁଯାୟୀ, ଅନୁଗୁଳ ପିଏସ୍  ରେ ଏଫ୍ଆଇଆର୍ ରୁଜୁ କରିବା ତାଙ୍କ ଅଧିକରିତା ବାହାରେ ଥିଲା  ।

6. ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରିୟଙ୍କା ଶ୍ରୀବାସ୍ତବ (ପୂର୍ବୋକ୍ତ) ରେ ବ୍ୟାଖ୍ୟା କରାଯାଇଛି ଯେ, ଯଦି ଏପରି ଅଭିଯୋଗକୁ ସିଆର୍.ପି.ସି. ର ଧାରା 156 (3)ରେ ଏକ ଆବେଦନ ଭାବରେ ବିବେଚନା କରାଯାଇପାରିବ ବୋଲି ଧରିନେବା, ତେବେ ଏହାକୁ ଏକ ସତ୍ୟପାଠ ଦ୍ୱାରା ସମର୍ଥନ କରିବାକୁ ପଡ଼ିବ ଯାହା ସ୍ପଷ୍ଟ ଭାବରେ ନଥିଲା । ଉପରୋକ୍ତ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଆଇନଗତ ସ୍ଥିତିଗୁଡ଼ିକ ନିମ୍ନରେ ଦିଆଗଲା  :

"29. ଏହି ପର୍ଯ୍ୟାୟରେ ଏହା କହିବା ପରି ମନେହୁଏ ଯେ, ଧାରା 156 (3) ଅନୁଯାୟୀ କ୍ଷମତା ନ୍ୟାୟିକ ଜ୍ଞାନର ପ୍ରୟୋଗକୁ ସମର୍ଥନ କରେ । ଏଥିରେ ନ୍ୟାୟାଳୟ ସାମିଲ ରହିଛି । ଏହା ସଂହିତାର ଧାରା 154 ର ପର୍ଯ୍ୟାୟରେ ପୋଲିସ ପଦକ୍ଷେପ ନେବା ଭଳି ନୁହେଁ । ଜଣେ ମକଦ୍ଦମାକାରୀ ନିଜ ଖିଆଲରେ ଦଣ୍ଡାଧିକାରୀଙ୍କ ପ୍ରାଧିକାରିତାକୁ ଆବାହନ କରିପାରିବେ ନାହିଁ । ସ୍ୱଚ୍ଛ ମନୋବୃତ୍ତି ଥିବା ଜଣେ ନୀତିଗତ ଏବଂ ପ୍ରକୃତରେ ଦୁଃଖିତ ନାଗରିକଙ୍କ ପାଖରେ ଉକ୍ତ କ୍ଷମତାକୁ ଆବାହନ କରିବା ପାଇଁ  ସ୍ୱତନ୍ତ୍ର ଅଧିକାର ରହିବା ଆବଶ୍ୟକ । ଏହା ନାଗରିକମାନଙ୍କୁ ସୁରକ୍ଷା ଦେଇଥାଏ, କିନ୍ତୁ ଯେତେବେଳେ ବିକୃତ ମକଦ୍ଦମା ସେମାନଙ୍କ ନିଜ  ନାଗରିକମାନଙ୍କୁ ହଇରାଣ କରିବା ପାଇଁ ଏହି ମାର୍ଗ ଅବଲମ୍ବନ କରିଥାଏ, ସେତେବେଳେ ଏହାକୁ ବିଫଳ କରିବା ଏବଂ ରୋକିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ ।  30. ଆମର ସୁଚିନ୍ତିତ ମତରେ, ଏହି ଦେଶରେ ଏପରି ଏକ ପର୍ଯ୍ୟାୟ ଆସିଛି, ଯେଉଁଠାରେ ସି ଆର୍ ପି ସିର ଧାରା 156 (3) ଅନୁଯାୟୀ ଦଣ୍ଡାଧିକାରୀଙ୍କ ଅଧିକାରିତାର ଆବାହନ ପାଇଁ ଆବେଦନଗୁଡ଼ିକ ଆବେଦନକାରୀଙ୍କ ବିଧିବଦ୍ଧ ଶପଥପାଠ ନିଆଯାଇଥିବା, ସତ୍ୟପାଠ ଦ୍ୱାରା ସମର୍ଥିତ ହେବ । ଏହା ବ୍ୟତୀତ, ଏକ ଉପଯୁକ୍ତ ମାମଲାରେ, ବିଜ୍ଞ ଦଣ୍ଡାଧିକାରୀଙ୍କୁ ସତ୍ୟତା ଯାଞ୍ଚ କରିବାକୁ ଭଲଭାବରେ ପରାମର୍ଶ ଦିଆଯିବ ଏବଂ ଅଭିଯୋଗର ସତ୍ୟତା ମଧ୍ୟ ଯାଞ୍ଚ କରିପାରିବେ ।  ଏହି ସତ୍ୟପାଠ ଆବେଦନକାରୀଙ୍କୁ ଅଧିକ ଦାୟିତ୍ୱବାନ କରିପାରିବ । ଆମେ ଏପରି କହିବାକୁ ବାଧ୍ୟ ଅଟୁ ଯେହେତୁ କେବଳ

କେତେକ ବ୍ୟକ୍ତିଙ୍କୁ ହଇରାଣ କରିବା ପାଇଁ କୌଣସି ଦାୟିତ୍ୱ ଗ୍ରହଣ ନକରି ନିୟମିତ ଭାବେ ଏଭଳି ଆବେଦନ ଦାଖଲ କରାଯାଉଛି । ଏହା ବ୍ୟତୀତ, ସେତେବେଳେ ଏହା ଅଧିକ ବିରକ୍ତିକର ଏବଂ ବିପଦସୂଚକ ହୋଇଯାଏ, ଯେତେବେଳେ ଜଣେ ଏକ ବୈଧାନିକ ବ୍ୟବସ୍ଥା ଅଧୀନରେ ଆଦେଶ ପାରିତ କରୁଥିବା ଲୋକଙ୍କୁ ଉଠାଇବାକୁ ଚେଷ୍ଟା କରେ, ଯାହାକୁ ଉକ୍ତ ଅଧିନିୟମର ଆଧାରରେ କିମ୍ବା ଭାରତୀୟ ସମ୍ବିଧାନର ଧାରା 226 ଅନୁଯାୟୀ ଆପତ୍ତି କରାଯାଇପାରିବ । କିନ୍ତୁ ଏକ ଫୌଜଦାରୀ ନ୍ୟାୟାଳୟରେ ଅଯଥା ଲାଭ ଯେପରିକି କାହାଦ୍ୱାରା ହିସାବ ବରାବର କରିବା ପାଇଁ ଏହା କରାଯାଇ ପାରିବ ନାହିଁ ।

31. ଆମେ ପୂର୍ବରୁ ସୂଚାଇ ଦେଇଛୁ ଯେ, ଧାରା 156 (3) ଅନୁଯାୟୀ ଏକ ଆବେଦନ ଦାଖଲ କରିବା ସମୟରେ ଧାରା 154 (1) ଏବଂ 154 (3) ଅନୁଯାୟୀ ପୂର୍ବରୁ ଆବେଦନ କରିବାକୁ ପଡିବ । ଆବେଦନରେ ଉଭୟ ଦିଗ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହେବା ଉଚିତ ଏବଂ ସେହି ଉଦ୍ଦେଶ୍ୟରେ ଆବଶ୍ୟକ ଦସ୍ତାବିଜ ଦାଖଲ କରାଯିବା ଆବଶ୍ୟକ । ଧାରା 156 (3) ଅନୁଯାୟୀ ଏକ ଆବେଦନକୁ ସତ୍ୟ ପାଠ ଦ୍ୱାରା ସମର୍ଥନ କରାଯିବାର ନିର୍ଦ୍ଦେଶ ଦେଉଥିବା ଏକ ପରୱାନା ହେଉଛି ଏପରି, ଯାହା ଦ୍ୱାରା ଆବେଦନ କରୁଥିବା ବ୍ୟକ୍ତି ସଚେତନ ହେବେ ଏବଂ ଏହା ମଧ୍ୟ ଦେଖିବାକୁ ପ୍ରୟାସ କରିବା ଉଚିତ ଯେ, କୌଣସି ମିଥ୍ୟା ସତ୍ୟପାଠ କରାଯାଇ ନାହିଁ । କାରଣ ଥରେ ସତ୍ୟପାଠ ମିଥ୍ୟା ବୋଲି ଜଣାପଡ଼ିଲେ, ସେ ଆଇନ ଅନୁଯାୟୀ ମକଦ୍ଦମା ପାଇଁ ଦାୟୀ ହେବେ । ଏହା ତାଙ୍କୁ ଧାରା 156 (3) ଅନୁଯାୟୀ ଦଣ୍ଡାଧିକାରୀଙ୍କ ପ୍ରାଧିକାରିତାକୁ ସାମୟିକ ଭାବରେ ଆବାହନ କରିବାକୁ ବାଧା ଦେବ । ଏହା ବ୍ୟତୀତ, ଆମେ ପୂର୍ବରୁ କହିସାରିଛୁ ଯେ, ମାମଲାରେ ଥିବା ଅଭିଯୋଗର ପ୍ରକୃତିକୁ ଦୃଷ୍ଟିରେ ରଖି, ବିଜ୍ଞ ଦଣ୍ଡାଧିକାରୀଙ୍କ ଦ୍ୱାରା ଏହାର ସତ୍ୟତା ମଧ୍ୟ ଯାଞ୍ଚ କରାଯାଇପାରିବ । ଆମେ ଏହା କହିବା ପାଇଁ ବାଧ୍ୟ ହେଉଛୁ ଯେ, ସଂଖ୍ୟାଧିକ ପ୍ରାସଙ୍ଗିକ ମାମଲା ଆର୍ଥିକ କ୍ଷେତ୍ର, ବୈବାହିକ ବିବାଦ/ପାରିବାରିକ ବିବାଦ, ବ୍ୟାବସାୟିକ ଅପରାଧ, ଚିକିତ୍ସାଗତ ଅବହେଳା ମାମଲା, ଦୁର୍ନୀତି ମାମଲା ଏବଂ ଯେଉଁଥିରେ ଅପରାଧିକ ଅଭିଯୋଜନ ଆରମ୍ଭ କରିବାରେ ଅସ୍ୱାଭାବିକ ବିଳମ୍ବ/ବାଧା ଥିବା ମାମଲା ଯେପରି ଲଳିତା କୁମାରୀ ବନାମ ୟୁ.ପି. ରାଜ୍ୟ

(2014) 2 SCC 1 ରେ ଚିତ୍ରିତ ହୋଇଛି ସହିତ ଜଡ଼ିତ ଅନେକ ମାମଲା ଦାଖଲ କରାଯାଇଛି । ଏହା ବ୍ୟତୀତ, ବିଜ୍ଞ ଦଣ୍ଡାଧିକାରୀ ଏଫ୍‌ଆଇଆର୍ ଦାଖଲ କରିବାରେ ବିଳମ୍ବ ହେବା ବିଷୟରେ ମଧ୍ୟ ଅବଗତ ରହିବେ ।"

7. ବାସ୍ତବରେ, ବର୍ତ୍ତମାନର ମାମଲାରେ, ଏକ ଅଭିଯୋଗର ସମର୍ଥନରେ ଏକ ସତ୍ୟପାଠର ଅନୁପସ୍ଥିତିରେ, ବିଜ୍ଞ ଏସ୍.ଡି.ଜେ.ଏମ୍, ଅନୁଗୁଳ ଏହାକୁ ଆଦୌ ଗ୍ରହଣ କରିବା ଉଚିତ ନଥିଲା ଏବଂ ସିଆର୍.ପି.ସି. ର ଧାରା 156 (3) ଅନୁଯାୟୀ ଏକ ଅଦରକାରୀ ଆଦେଶ ପାରିତ କରିଛନ୍ତି, ଯାହାକୁ ଅନୁଗୁଳ ପି.ଏସ୍. ରେ ଏକ ଏଫ୍‌ଆଇଆର୍ ଭାବରେ ପଞ୍ଜୀକୃତ କରିବାକୁ ଆଦେଶ ପ୍ରଦାନ କରିଥାଏ । ଫଳସ୍ୱରୂପ, ବିଜ୍ଞ ଏସ୍ ଡ଼ି ଜେ ଏମ୍ ଅନୁଗୁଳ ଙ୍କ 1CC ସଂଖ୍ୟା 187/2016ରେ ତା 31 ଅକ୍ଟୋବର, 2016 ରିଖରେ ଉପରୋକ୍ତ ଆଦେଶ ଏବଂ ପରିଣାମମୂଳକ ଅନୁଗୁଳ ପି.ଏସ୍. ତା 3 ଡିସେମ୍ବର, 2016 ରିଖର ମାମଲା ସଂଖ୍ୟା 625/2016 ନାକଚ କରାଗଲା ।

7. ସର୍ବୋଚ୍ଚ ନ୍ୟାୟାଳୟ ତଥା ଏହି ନ୍ୟାୟାଳୟଙ୍କର ସମନ୍ୱୟ ବିଚାରପୀଠ ଦ୍ୱାରା ଉପରୋକ୍ତ ଆଲୋଚନାକୁ ବିଚାରକୁ ନେଇ, ଏହା ଆଉ ଅମୀମାଂସିତ ନୁହେଁ ଯେ, ଅଭିଯୋଗକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଏକ ସତ୍ୟପାଠ ସହିତ ସଂଲଗ୍ନ ହେବା ଉଚିତ୍ ଯାହା ଦ୍ୱାରା ଏହା ସୁନିଶ୍ଚିତ କରାଯାଇପାରିବ ଯେ, ସେଥିରେ ଦିଆଯାଇଥିବା ବିବୃତି ସତ୍ୟ ଅଟେ । ଆହୁରି ମଧ୍ୟ, ଅଭିଯୋଗର ସତ୍ୟତା ଏବଂ ଯଥାର୍ଥତା ତଥା ଅଭିଯୋଗରେ ଦିଆଯାଇଥିବା ଅଭିଯୋଗର ସତ୍ୟତା ଭରସା କରାଯାଇପାରିବ ଏବଂ କେବଳ ମାମଲା ପ୍ରସଙ୍ଗରେ ନୁହେଁ ବରଂ ଅଭିଯୁକ୍ତଙ୍କ ହିତାର୍ଥେ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିବ ନାହିଁ । ଅଧୁନା ମାମଲାରେ, ଅଭିଯୋଗଟି କେବଳ ଏକ ଯାଞ୍ଚ ସହିତ ସଂଲଗ୍ନ ହୋଇଛି ଏବଂ ସତ୍ୟ ପାଠ ଦ୍ୱାରା ସମର୍ଥିତ ନୁହେଁ ଏବଂ କ୍ରିୟାଶୀଳ ନଥାଇ ଯେତେବେଳେ କି ନିମ୍ନ ବିଜ୍ଞ ନ୍ୟାୟାଳୟଙ୍କ ଦ୍ୱାରା ସଂଜ୍ଞାନକୁ ଗ୍ରହଣ କରାଯାଇଛି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥଗିତ ହୋଇ ରହିଛି ଏବଂ ତେଣୁ ତାହା ଆଇନର ଦୃଷ୍ଟିରେ ଗ୍ରହଣୀୟ ହୋଇପାରିବ ନାହିଁ । ବ୍ରହ୍ମପୁର ଏସ.ଡି.ଜେ.ଏମ୍ ଙ୍କ ନଥିଗୁଡ଼ିକରେ ଜି.ଆର୍. ମାମଲା ସଂଖ୍ୟା 697/2011 ସହ

ସଂପୃକ୍ତ ଗୋଷାଣୀନୂଆଗାଁ ଥାନା  ମାମଲା ସଂଖ୍ୟା 59(13)/2011 ର  ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରାଗଲା ।

୪. ତଦନୁସାରେ ସି ଆର୍ ଏଲ୍ ଏମ୍ ସି ର ପରିସମାପ୍ତି ଘଟିଲା ।

*(ଚିତ୍ତରଞ୍ଜନ ଦାଶ)*

*ନ୍ୟାୟମୂର୍ତ୍ତି*

*ବିଜୟ*

HIGH COURT
ORISSA
सत्यमेव जयते

ଅସ୍ବୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ବୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା
ସସ୍ମିତା  ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ